# Akashvani, Sambalpur

# SAMBALPURI NEWS BULLETIN

## 6 September 2024- 6.47- 6.52 am.

******************************************************

ହୀରାକୁଦ୍ ଡେମ୍- କେନାଲ୍ ପଦ୍ଧତି  ଆର୍‌ଏନ୍‌ୟୁ / ସମ୍ବଲପୁର

ରାଜ୍ୟ ସର୍କାର୍ ହୀରାକୁଦ୍ ଡେମ୍ ପ୍ରକଳ୍ପର କେନାଲ୍ ପଦ୍ଧତି ନବୀକରଣ୍ ଯୋଜ୍‌ନା କରିଛନ୍ ବଲି ସଂସଦୀୟ ବ୍ୟାପାର୍ ମନ୍ତ୍ରୀ ମୁକେଶ୍ ମହାଲିଙ୍ଗ୍ କହିଛନ୍ । ଗଲାକାଏଲ୍ ବିଧାନ୍‌ସଭା ନ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ହେଇଥିବା କେବିନେଟ୍ ବୈଠକ୍ ନିଷ୍ପତି ବାବ୍‌ଦେ ସୂଚ୍‌ନା ଦେଇକରି ସେ କହିଛନ୍ ଯେ, ଇ ଯୋଜ୍‌ନାଥି ୮ ଶହ ୫୫ କୋଟି ଟଙ୍କା ଖର୍ଚ୍ଚାଥି ୪ ବଛ୍‌ରେ ହୀରାକୁଦ୍ ଡେମ୍ କେନାଲ୍ ମାନ୍‌କର୍ ନବୀକରଣ୍ କରାଯିବା । କେବିନେଟ୍ ନିଷ୍ପତି ଅନ୍‌ସାରେ ହୀରାକୁଦ୍ ସେଚାଂଚଲ୍ ନ କେନାଲ୍ ମାନ୍‌କର୍ କାର୍ଯ୍ୟଦକ୍ଷତା ବଢ଼ାଯିବା ଆଉ ତଲ୍‌ମୁଡ୍‌କେ କେନାଲ୍ ପାଏନ୍ ପୁହୁଁଚିବା ।

କେବିନେଟ୍‌ଥି ଆଉ ୨ ଟା ପ୍ରସ୍ତାବ୍‌କେ ଭିଲ୍ ଅନୁମୋଦନ୍ ମିଲିଛେ । ଅନୁସୂଚିତ ଜନଜାତି ସମ୍ପ୍ରଦାୟର୍ ଛାତ୍ରଛାତ୍ରୀମାନ୍‌କୁ

ଉଚ୍ଚଶିକ୍ଷା ଲାଗି ପ୍ରୋତ୍ସାହିତ୍ କର୍‌ବାର୍‌କେ ମାଧୋସିଂ ହାତଖର୍ଚ୍ଚ ଯୋଜ୍‌ନା ମୁଲ୍ ହେବା । ଇ ଯୋଜ୍‌ନାଥି ୯ ଆଉ ୧୧ କ୍ଲାସ୍‌ଥି ନାଁ ଲେଖଉଥିବା ଛାତ୍ରଛାତ୍ରୀ ମାନ୍‌କୁ ୫ ହଜାର୍ ଟଙ୍କା ଲେଖା ମିଲ୍‌ବା । ସେନ୍ତା ଦ୍ରବ୍ୟ ଆଉ ସେବାକର - ଜିଏସ୍‌ଟି ଅଧିନିୟମ୍ - ୨୦୧୭ଥି ଥିବାର୍ ଭିନ୍ ଭିନ୍ ବ୍ୟବସ୍ଥାକେ ସରଳ କର୍‌ବାର୍‌କେ ସଂଶୋଧନ୍ ପ୍ରସ୍ତାବ୍ କେବିନେଟ୍‌ଥି ପାରିତ୍ ହେଇଛେ ବଲି ସଂସଦୀୟ ବ୍ୟାପାର୍ ମନ୍ତ୍ରୀ ଶ୍ରୀ ମହାଲିଙ୍ଗ୍ କହିଛନ୍ ।

ମୁଖ୍ୟମନ୍ତ୍ରୀ ପ୍ରକଳ୍ପ ଶିଲାନ୍ୟାସ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ଭୁବ୍‌ନେଶ୍ୱର୍ ଓ ହବ୍ ନ ଚବ୍ ବିଜ୍‌ନେସ୍ ପ୍ରାଇଭେଟ୍ ଲିମିଟେଡ୍, ଓପିଟିସିଏଲ୍ ଟେକ୍ ଟାଓ୍ୱାର୍ ନ ସିକୋର୍ଡସଫ୍ଟ ଟେକ୍ନୋଲୋଜି ପ୍ରାଇଭେଟ୍ ଲିମିଟେଡ୍, ଫର୍ଚ୍ୟୁନ୍ ଟାଓ୍ୱାର୍ ନ ବର୍ଣ୍ଣଟେକ୍ ସଲ୍ୟୁସନ୍ସ ପ୍ରାଇଭେଟ୍ ଲିମିଟେଡ୍ ଆଉ ଓଡ଼ିଶା ଟେକ୍ନୋଲୋଜି ସେଂଟର୍ ନ ଇଂଟିଗ୍ରିୟନ୍ ମେନେଜ୍‌ଡ଼ ସଲ୍ୟୁସନ୍ସ (ଇଣ୍ଡିଆ) ପ୍ରାଇଭେଟ୍ ଲିମିଟେଡ୍ ର ଉଦ୍‌ଘାଟନ୍ କର୍‌ବେ । ସେନ୍ତା ଇନ୍‌ଫୋଭେଲି ନ ଆଇଆଇଆର୍ ପାଓ୍ୱାର୍ ଇଲେକ୍ଟ୍ରାନିକ୍ସ ଲିମିଟେଡ୍‌ର ଭିତିପ୍ରସ୍ତର୍ ଥାପ୍‌ନା କର୍‌ବେ । ଇ ଉତ୍ସବ୍‌ଥି ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ଭିଲ୍ ଯୋଗ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ ।

ଅଧିବାସୀ-ଶ୍ରମଭିତିକ ନିଯୁକ୍ତି ଆର୍ଏନ୍ୟୁ /ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଭୁବ୍ନେଶ୍ୱର୍ ଲୋକ୍ସେବା ଭବନ୍ ନ ଜଙ୍ଗଲ୍, ପରିବେଶ ଆଉ ଜଲ୍ବାୟୁ ପରିବର୍ତନ୍ ବିଭାଗ୍ର ଭିନ୍ ଭିନ୍ କାର୍ଯ୍ୟକ୍ରମ୍ର ସମୀକ୍ଷା କରିଛନ୍ । ଜଙ୍ଗଲ୍ ଇଲାକା ନ ଗଛ୍ କଟା ବନ୍ଦ୍ କର୍ବାର୍ ଆର୍ ଜଙ୍ଗଲ୍ ଉପ୍ରେ ନିର୍ଭର୍ କରିକରି ଚଲୁଥିବା ଲୋକ୍ମାନ୍କୁ ଶ୍ରମଭିତିକ ନିଯୁକ୍ତି ଦେବାର୍ ଲାଗି ସେ ପରାମର୍ଶ ଦେଇଛନ୍ । ୨୦୧୯ -୨୦ ନୁ ଏବ୍ତକ୍ ଭିନ୍ ଭିନ୍ କାରଣ୍ନୁ ୪ ଶହ ୪୪ ଟା ହାତୀ ଆଉ ହାତୀ ଆକ୍ରମଣ୍ଥି ୭ ଶହ ୨୯ ଝନ୍କର୍ ଜୀବନ୍ ଯାଇଛେ । ଇଥିର୍ଲାଗି ଉଦ୍ବେଗ ପ୍ରକାଶ୍ କରିକରି ମଣିଷ ପ୍ରାଣୀ ସଂଘର୍ଷ କମାବାର୍ ଲାଗି କାର୍ଯ୍ୟାନୁଷ୍ଠାନ୍ ଗ୍ରହଣ୍ କର୍ବାର୍କେ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ ।

ଆମ ବୃତି ୱେବ୍ସାଇଟ ଆର୍ଏନ୍ୟୁ /ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଭୁବ୍ନେଶ୍ୱର୍ର ଲୋକ୍ସେବା ଭବନ୍ ନ ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ତର୍ଫୁ ମୁଲ୍ କରାଯାଇଥିବା ସ୍ୱତନ୍ତ୍ର ପୋର୍ଟାଲ୍ ଆମ ବୃତି ୱେବ୍ସାଇଟ୍ର ଲୋକାର୍ପଣ୍ କରିଛନ୍ । ପୋର୍ଟାଲ୍ ଜରିଏ

ଛାତ୍ରଛାତ୍ରୀମାନେ ଭିନ୍ ଭିନ୍ ରକମ୍‌ର କେରିଅର୍ ବାବ୍‌ଦେ ସୂଚ୍‌ନା ପାଇପାର୍‌ବେ । ଇତାର୍ ଜରିଏ ପାଖାପାଖ୍ ୧୬ ଲାଖ୍ ବିଦ୍ୟାର୍ଥୀ ଲାଭ୍ ପାଏବେ ।

ସେନ୍ତା ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ତର୍‌ଫୁ ତିଆର୍ ହେଇଥିବା ଶିକ୍ଷା ଜ୍ୟୋତି ୱେବ୍‌ସାଇଟ୍‌କେ ଲୋକାର୍ପଣ୍ କରିଛନ୍ । ୱେବ୍‌ସାଇଟ୍‌ଥି ଯୁକ୍ତ ଦୁଇର ଶିକ୍ଷା ବାବ୍‌ଦେ ସବୁ ସୂଚ୍‌ନା ଆଉ ଏକାଡେମିକ୍ କେଲେଣ୍ଡର୍ ମିଲ୍‌ବା ।

ସୁଭଦ୍ରା ଯୋଜ୍‌ନା-ସଚେତନତା ରଥ ଆର୍‌ଏନ୍‌ୟୁ /ସମ୍ବଲପୁର

ରାଏଜେ ଲୋକ୍‌ମାନ୍‌କୁ ସୁଭଦ୍ରା ଯୋଜ୍‌ନା ବାବ୍‌ଦେ ଜନାବାର୍ ଲାଗି ଆଏବା କାଏଲ୍‌ନୁ ୧୬ ତାରିଖ୍‌ତକ୍ ସଚେତନତା ରଥ ବୁଲ୍‌ବା । ମୁଖ୍ୟ ଶାସନ୍ ସଚିବ ମନୋଜ ଆହୁଜାଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଗୁଟେ ବୈଠକ୍‌ଥି ଇ ନିଷ୍ପତି ନିଆଯାଇଛେ । ସେଥିର୍‌ଲାଗି ଇତାର୍ ପ୍ରସ୍ତୁତି ବାବ୍‌ଦେ ଶ୍ରୀ ଆହୁଜା ଜିଲ୍ଲାପାଲ୍‌ମାନ୍‌କର୍ ସାଙ୍ଗେ ଆଲୋଚନା କରିଛନ୍ ।

ସେନ୍ତା ଆଏବା ୧୭ ନୁ ଅକ୍ଟୋବର୍ ୧ ତାରିଖ୍‌ତକ୍ ରାଏଜେ ସ୍ୱଚ୍ଛତା ହିଁ ସେବା ପକ୍ଷ ପାଲନ୍ କରାଯିବା । ଅକ୍ଟୋବର୍ ୨

ତାରିଖ୍ ଦିନ ସ୍ୱଚ୍ଛ ଭାରତ୍ ଦିବସ୍ ଲାଗି ସ୍ୱାଭିମାନ୍ ସ୍ୱଚ୍ଛତା - ସଂସ୍କାର୍ ସ୍ୱଚ୍ଛତା ଥିମ୍ ଉପ୍‌ରେ ଇଟା ହେବା ।

ସୁଭଦ୍ରା ଯୋଜ୍‌ନା ଆର୍‌ଏନ୍‌ୟୁ /ସମ୍ବଲପୁର

ଆଧାର୍ ମୋବାଇଲ୍ ଲିଙ୍କ ନାଇଁ ହେଇଥିଲେ ଭିଲ୍ ସୁଭଦ୍ରା ଯୋଜ୍‌ନା ଲାଗି ଅନ୍‌ଲାଇନ୍ ପଞ୍ଜିକରଣ୍ କରିହେବା ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ । ସେ କହିଛନ୍ ଯେ, ବାୟୋମେଟ୍ରିକ୍ ପଦ୍ଧତିଥି ଆଧାର୍ ପ୍ରାମାଣିକରଣ୍ କରାଯାଇପାର୍‌ବା । ସେଥିର୍‌ଲାଗି ବିନା ମୋବାଇଲ୍ ନମ୍ବର୍ ଲିଙ୍କ୍‌ଥି ଭିଲ୍ ଆବେଦନ୍ ପତ୍ର ପୂରଣ ଆଉ ପଞ୍ଜିକରଣ୍ କରାଯାଇପାର୍‌ବା । ପଞ୍ଜିକରଣ୍‌ର କେନ୍‌ସି ଶେଷ୍ ତାରିଖ୍ ଧାରିଜ୍ ନାଇଁ ହେଇଥିବାର୍‌ନୁ ଆବେଦନ୍‌କାରୀମାନେ ବ୍ୟସ୍ତ ନାଇଁ ହେବାର୍‌କେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ପରାମର୍ଶ ଦେଇଛନ୍ ।

ବିଧାନ୍‌ସଭା କୃଷି ବିଭାଗ୍‌ର ଖର୍ଚ୍ଚ ଦାବି ଆର୍‌ଏନ୍‌ୟୁ /ସମ୍ବଲପୁର

ରାଏଜେ ଜଲ୍‌ଦି ୫୮ ଟା ଶୀତଲ୍ ଭଣ୍ଡାର୍ ତିଆର୍ କରାଯିବା ବଲି କୃଷି ମନ୍ତ୍ରୀ ଆଉ ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ

କହିଛନ୍ । ଗଲାକାଏଲ୍ ବିଧାନ୍‌ସଭା ନ କୃଷି ବିଭାଗ୍‌ର ଖର୍ଚ୍ଚ ଦାବି ଉପସ୍ଥାପନ୍ କରିକରି ଶ୍ରୀ ସିଂହଦେଓ କହିଥିଲେ ଯେ, ପ୍ରାରମ୍ଭିକ ପର୍ଯ୍ୟାୟଥି ଇଟା ସବ୍‌ଡିଭିଜନ୍ ସ୍ତରଥି ଥାପ୍‌ନା କରାଯିବା । ସେଥିର୍‌ଲାଗି କୃଷି ବିଭାଗ୍‌ର ପ୍ରମୁଖ ଶାସନ୍ ସଚିବଙ୍କର୍ ଅଧ୍ୟକ୍ଷତାଥି ଗୁଟେ ଯୁଗ୍ମ କମିଟି ଗଠନ୍ କରାଯାଇଛେ ।

ଜାତୀୟ ଶିକ୍ଷକ୍ ପୁରସ୍କାର୍-ଓଡ଼ିଶା ଆର୍‌ଏନ୍‌ୟୁ /ସମ୍ବଲପୁର

ନୂଆଦିଲ୍ଲୀର୍ ବିଜ୍ଞାନ୍ ଭବନ୍ ନ ହେଇଥିବା ଜାତୀୟ ଶିକ୍ଷକ୍ ପୁରସ୍କାର୍ ପ୍ରଦାନ୍ ଉତ୍ସବ୍‌ଥି ଓଡ଼ିଶାର୍ ୨ ଝନ୍ ଶିକ୍ଷକ୍ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କର୍‌ନୁ ଜାତୀୟ ଶିକ୍ଷକ୍ ପୁରସ୍କାର୍ ଗ୍ରହଣ୍ କରିଛନ୍ । ସେମାନେ ହେଲେ କଲାହାଣ୍ଡି ଜିଲ୍ଲା ନର୍ଲାର ଜୟଦୁର୍ଗା ହାଇସ୍କୁଲ୍‌ର ଶିକ୍ଷକ୍ ସନ୍ତୋଷ୍ କୁମାର୍ କର ଆର୍ ରାୟଗଡ଼ା ଜିଲ୍ଲା ବିଲେଶୁ ସର୍‌କାରୀ ହାଇସ୍କୁଲ୍‌ର ଶିକ୍ଷକ ଦ୍ୱିତୀ ଚନ୍ଦ୍ର ସାହୁ । ପୁରସ୍କାର୍ ବାବ୍‌ଦେ ମାନପତ୍ର ଆଉ ନଗଦ୍ ୫୦ ହଜାର୍ ଟଙ୍କା ଆଉ ରୌପ୍ୟ ପଦକ୍ ଦିଆଯାଇଛେ ।

୧୦ ତାରିଖ୍ ଛୁଟି ଆର୍‌ଏନ୍‌ୟୁ /ସମ୍ବଲପୁର

ଉତରାଂଚଲ୍ ରାଜସ୍ୱ କମିଶନର୍ ନୂଆଖାଇ ଲାଗି ଆଏବା ୧୦ ତାରିଖ୍ ଦିନ ବଲାଙ୍ଗିର୍ ଆର୍ ନୂଆପଡ଼ା ଜିଲ୍ଲା ଲାଗି ଆଂଚଲିକ୍ ଛୁଟି ଘୋଷ୍ନା କରିଛନ୍ । ଇତାର୍ ଆଘୋନୁ ରାଜ୍ୟ ସର୍କାର୍ ୯ ତାରିଖ୍କେ ଭିଲ୍ ଛୁଟି ଘୋଷ୍ନା କରିଛନ୍ । ସେନ୍ତା ନୂଆଖାଇ ଲାଗି ଆଏବା ୯ ତାରିଖ୍ ଦିନ ଓଡ଼ିଶା ହାଇକୋର୍ଟ ଛୁଟି ଘୋଷ୍ନା କରାଯାଇଛେ ।

ବିପର୍ଯ୍ୟୟ ପରିଚାଳନା ତାଲିମ ଆର୍ଏନ୍ୟୁ / ସମ୍ବଲପୁର

ଭୁବନେଶ୍ୱର୍ ମିଶନ୍ ଶକ୍ତି ଭବନ୍ ନ ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀମାନ୍କର୍ ଲାଗି ବିପର୍ଯ୍ୟୟ ପରିଚାଳନା କର୍ତୃପକ୍ଷ ଆଉ ମିଶନ୍ ଶକ୍ତି ବିଭାଗ୍ ତର୍ଫୁ ବିପର୍ଯ୍ୟୟ ପରିଚାଳନା ବାବ୍ଦେ ତାଲିମ୍ ମୁଲ୍ କରାଯାଇଛେ । ମିଶନ୍ ଶକ୍ତି ବିଭାଗ୍ର ଅତିରିକ୍ତ ସଚିବ ସୁମିତ୍ରା ପଟ୍ଟନାୟକଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଇ ତାଲିମ୍ ଶିବିର୍ଥି ମିଶନ୍ ଶକ୍ତିର ଜିଲ୍ଲା ଆଉ ବ୍ଲକ୍ ସ୍ତରର୍ କ୍ଷେତ୍ରୀୟ ଅଧିକାରୀମାନ୍କୁ ତାଲିମ୍ ଦିଆଯାଇଛେ । ତାଲିମ୍ ପାଇଥିବା ଇ ଅଧିକାରୀମାନେ ସ୍ୱୟଂ ସହାୟକ ଗୋଷ୍ଠୀ ଆର୍ ବ୍ଲକ୍ସ୍ତରୀୟ ମହାସଂଘନୁ ବଛାଯାଇଥିବା ସଦସ୍ୟାମାନ୍କୁ ତାଲିମ୍ ଦେବେ ।